# Akashvani, Sambalpur

## SAMBALPURI NEWS EVENING BULLETIN

**3 July 2024- 7.02 pm- 7.12 pm.**

*********************************************

୧- ସମ୍ବିଧାନ୍ ସରକାରଙ୍କର୍ ମାର୍ଗଦର୍ଶନ୍ କର୍‌ବାର୍ ଗୁଟେ ବତୀଘର୍- କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ରାଜ୍ୟସଭାକେ ମୁଲ୍‌ତବୀ ଘୋଷ୍‌ନା କଲେ ଉପରାଷ୍ଟ୍ରପତି ଆର୍ ଅଧ୍ୟକ୍ଷ ଜଗ୍‌ଦୀପ୍ ଧନ୍‌ଖଡ୍ ।

୩- ଝାର୍‌ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ହେବେ ଓଡ଼ିଶା ହାଇକୋର୍ଟର ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ୍ ଷଡଙ୍ଗୀ ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନେ ସୁସ୍ଥ ହେବାର୍ ଖବର୍ ଗଜପତି ମହାରାଜାଙ୍କୁ ଜନାଲେ ଦଇତାପତି ସେବକ ।

ପାର୍ଲ୍ୟାମେଂଟ୍        ଆର୍‌ଏନ୍‌ୟୁ/ କଟକ୍

ସମ୍ବିଧାନ୍ ଖାଲି କେତେ ଧାରାର ସଂକଳନ୍ ନୁହେଁ, ଇଥର ଆଭିମୁଖ୍ୟ ଆଉ ସେଥି ଲେଖା ହେଇଥିବା ଶବ୍ଦ ସରକାରଙ୍କର୍ ଲାଗି ବହୁତ୍ ମୂଲ୍ୟବାନ୍ ବଲି ପ୍ରଧାନ୍‌ମନ୍ତ୍ରୀ

ନରେନ୍ଦ୍ର ମୋଦୀ କହିଛନ୍ । ରାଜ୍ୟସଭା ନ ଆଏଜ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଅଭିଭାଷଣ୍ ଉପ୍‌ରେ ଚାଲିଥିବା ଧନ୍ୟବାଦ୍ ପ୍ରସ୍ତାବ୍ ଆଲୋଚନାଥି ଭାଗ୍ ନେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ସମ୍ବିଧାନ୍ ହେଉଛେ ସର୍‌କାର୍‌ଙ୍କୁ ମାର୍ଗଦର୍ଶନ୍ କର୍‌ବାର୍ ଗୁଟେ ବତୀଘର । ବାବାସାହେବ ଭୀମ୍‌ରାଓ ଆମ୍ବେଦ୍‌କର୍‌ଙ୍କର୍ ଅବଦାନ୍‌କେ ପ୍ରଶଂସା କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ଭାରତ୍‌ର ସମ୍ବିଧାନ୍ ଏଭେ ୭୫ ବଛର୍‌କେ ପୁହୁଁଚିଛେ । ସେ ଆହୁରି କହିଛନ୍ ଯେ, ଏନ୍‌ଡିଏ ସର୍‌କାର୍‌ଙ୍କର୍ ୩ ନମ୍ବର୍ ପାଲି ନ ଦାରିଦ୍ର୍ୟ ଦୂରୀକରଣ୍ ଦିଗେ ବହୁତ୍‌ଟେ କଲ୍ୟାଣ୍‌ମୂଲକ୍ ପଦକ୍ଷେପ୍ ନିଆଯାଉଛେ । ଇ ପାଲି ନ ଭାରତ୍‌କେ ପୁର୍‌ଥିର୍ ୩ ନମ୍ବର୍ ବଡ଼୍ ଅର୍ଥନୀତି କର୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି ସେ କହିଛନ୍ । ଆଏବା ୫ ବଛର୍ ଭିତ୍‌ରେ ଦେଶେ ପରିବହନ୍ ବ୍ୟବସ୍ଥାଥି ବହୁତ୍‌ଟେ ପରିବର୍ତନ୍ ଆସ୍‌ବା । ପ୍ରଧାନ୍‌ମନ୍ତ୍ରୀ କିଷାନ୍ ସମ୍ମାନ୍‌ନିଧି ଯୋଜ୍‌ନାଥି ୧୦ କୋଟିନୁ ଅଏତ୍‌କା ଚାଷୀ ଲାଭ୍ ପାଇଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

ଗୃହ ମୁଲ୍‌ତବୀ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟସଭାର୍ ଅଧିବେଶନ୍‌କେ ଉପରାଷ୍ଟ୍ରପତି ଆଉ ଗୃହର ଅଧ୍ୟକ୍ଷ ଜଗ୍‌ଦୀପ୍ ଧନ୍‌ଖଡ଼୍ ଆଏଜ୍ ମୁଲ୍‌ତବୀ ଘୋଷ୍‌ନା କରିଛନ୍ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କର୍ ଅଭିଭାଷଣ୍‌ର ଧନ୍ୟବାଦ୍ ପ୍ରସ୍ତାବ୍ ଉପ୍‌ରେ ଆଲୋଚନା ଉତ୍‌ରୁ ଶ୍ରୀ ଧନ୍‌ଖଡ଼୍ ଗୃହକେ ମୁଲ୍‌ତୀବ ଘୋଷ୍‌ନା କରିଥିଲେ ।

ଉପମୁଖ୍ୟମନ୍ତ୍ରୀ-ଏକ୍ ପେଡ଼୍ ମା କେ ନାମ୍

ଆର୍‌ଏନ୍‌ୟୁ/ସମ୍ବଲପୁର

ଉପମୁଖ୍ୟମନ୍ତ୍ରୀ ଆର୍ ମହିଲା ଆଉ ଶିଶୁବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ଭୁବ୍‌ନେଶ୍ୱର୍‌ର ମହିଲା ଶିଶୁ ପ୍ରତିଷ୍ଠାନ୍ ନ ଜାମ୍ ଆର୍ ଅଏଁଲା ଚାରା ଗଛ୍ ଲଗେଇକରି 'ଏକ୍ ପେଡ଼୍ ମା କେ ନାମ୍' ଅଭିଯାନ୍‌ର ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ସେ କହିଛନ୍ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍‌ଥି ଇ ଅଭିଯାନ୍ ସାରା ଦେଶେ ଲୋକପ୍ରିୟ ହେଇଛେ । ଆଏବା ୫୦ ବଛ୍‌ରର୍ ଭବିଷ୍ୟତ୍‌କେ ନଜର୍‌ଥି ରଖିକରି ନିଜର୍ ମାଙ୍କର୍ ଉଦ୍ଦେଶ୍ୟଥି ଗଛ୍ ଲଗାବାର୍‌କେ ଶ୍ରୀମତୀ ପରିଡ଼ା ସମ୍‌କୁ ଆହ୍ୱାନ୍ ଦେଇଛନ୍ । ଇତାର୍‌ଛଡ଼ା ପ୍ରତିଷ୍ଠାନ୍ ପରିସର ନ ରାଜ୍ୟ ସମାଜ କଲ୍ୟାଣ ବୋର୍ଡ଼ର ଅଣସରକାରୀ ସଂଗଠନ୍ ପରାମର୍ଶଦାତା ମଣ୍ଡଲୀର୍ ଗୁଟେ ବୈଠକ୍ ହେଇଥିଲା । ବୈଠକ୍‌ଥି ଶ୍ରୀମତୀ ପରିଡ଼ା ଅଧ୍ୟକ୍ଷତା କରିକରି କହିଥିଲେ ଯେ, ରାଜ୍ୟର୍ ବିକାଶ୍‌ଥି ସମାଜ କଲ୍ୟାଣ ବୋର୍ଡ଼ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସର୍‌କାର୍ ଆଉ ସ୍ୱେଚ୍ଛାସେବୀ

ସଂଗଠନ୍‌ର ସହଭାଗିତାଥି ହିଁ ସମାଜ୍ କଲ୍ୟାଣ୍ ବୋର୍ଡ଼କେ ସୁଦୃଢ଼ ଭାବେ ପରିଚାଳିତ କରିହେବା । ଇତାର୍‌ସହେତେ ରାଜ୍ୟ ସମାଜ କଲ୍ୟାଣବୋର୍ଡ଼ର ପୁନରୁଦ୍ଧାର୍ ହେବା ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ତାରିଣୀ ମନ୍ଦିର  ରୂପାନ୍ତରୀକରଣ୍        ଆର୍‌ଏନ୍‌ୟୁ/ କଟକ୍

କେନ୍ଦୁଝର୍ ଜିଲ୍ଲା ଘଟଗାଁ ମା ତାରିଣୀ ମନ୍ଦିର୍‌ର ରୂପାନ୍ତରିକରଣ୍ ଲାଗି ଭିନ୍ ଭିନ୍ ପାଖେ ଥିବା ଜାଗାର୍ ସର୍ଭେ କାମ୍ ଚାଲିଛେ । କେନ୍ ଫାଲେ ଦୁକାନ୍ ଘର୍, ବିଶ୍ରାମ୍ ଜାଗା, ପାର୍କିଂ ଆର୍ ରାସ୍ତା ରହେବା ସେ ବାବ୍‌ଦେ ସର୍ଭେ ହେଉଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ଜୁନ୍ ମାସର୍ ୨୩ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମା ତାରିଣୀଙ୍କର୍ ମନ୍ଦିର୍ ପରିଦର୍ଶନ୍ କର୍‌ବାର୍ ଅବ୍‌ସରେ ୫୦ କୋଟି ଟଙ୍କା ଅର୍ଥରାଶି ଘୋଷ୍‌ନା କରିଥିଲେ ।

ରକ୍ତହୀନତା ନିରାକରଣ୍        ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ରକ୍ତଶିକୁଳି ବା ସିକିଲ୍‌ସେଲ୍ ଲାଗି ରକ୍ତହୀନତା ନିରାକରଣ୍ ସଚେତନତା ଅଭିଯାନ୍ ଆଏଜ୍ ଶେଷ୍ ହେଇଛେ । ଇ

ଅଭିଯାନ୍ ଗଲା ୧୯ ତାରିଖ୍‌ରୁ ମୁଲ୍ ହେଇଥିଲା । ଇଥି ଭିନ୍ ଭିନ୍ ଜିଲ୍ଲା ନ ରକ୍ତଶିକୁଳି ରୋଗର ନିରାକରଣ୍ ଲାଗି ବ୍ୟାପକ୍ ପ୍ରଚାର୍ ପ୍ରସାର୍ କରାଯାଇଥିଲା । ଜିଲ୍ଲାସ୍ତରୀୟ ଅଧିକାରୀ, ସିଡିପିଓ ମାନେ କାର୍ଯ୍ୟକ୍ରମ୍‌ଥି ସାମିଲ୍ ହେଇକରି ଲୋକ୍‌ମାନ୍‌କୁ ସଚେତନ୍ କରିଥିଲେ । ୨୦୪୭ ମସିହାତକ୍ ରକ୍ତଶିକୁଳି ରୋଗର ପୁରାପୁରି ନିରାକରଣ୍ ଲାଗି ସର୍‌କାର୍ ଲକ୍ଷ୍ୟ ରଖିଛନ୍ ।
(ପ୍ରୋମୋ)

ଝାର୍‌ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାର୍‌ପତି ବିଦ୍ୟୁତ୍ ରଞ୍ଜନ୍ ଷଡ଼ଙ୍ଗୀ

ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ହାଇକୋର୍ଟର ବିଚାର୍‌ପତି ଡକ୍ଟର୍ ବିଦ୍ୟୁତ୍ ରଞ୍ଜନ୍ ଷଡଙ୍ଗୀଙ୍କୁ ଝାର୍‌ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାର୍‌ପତି ଭାବେ ନିଯୁକ୍ତି ଦିଆଯାଇଛେ । ସୁପ୍ରିମ୍‌କୋର୍ଟର ପ୍ରଧାନ୍ ବିଚାର୍‌ପତିଙ୍କର୍ ପରାମର୍ଶ ଉତ୍‌ରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଷଡଙ୍ଗୀଙ୍କୁ ନିଯୁକ୍ତି ଦେଇଛନ୍ । ଇ ବାବ୍‌ଦେ କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ୍ ରାମ୍ ମେଘ୍‌ୱାଲ୍‌ଙ୍କର୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ରାଜପ୍ରାସାଦ ବିଜେ      ଆର୍‌ଏନ୍‌ୟୁ/ କଟକ୍

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ଦ୍ୱାଦଶୀ ତିଥି ଥି ଶ୍ରୀଜୀଉମାନ୍‌କର୍ ରାଜପ୍ରାସାଦ୍ ବିଜେ ନୀତି ହେଇଛେ । ଶ୍ରୀମନ୍ଦିର୍‌ର ସକାଳଧୂପ ନୀତି ସର୍‌ବାର୍ ଉତ୍‌ରୁ ଜୟ-ବିଜୟ ଦ୍ୱାର ବନ୍ଦ୍ କରାଯାଇକରି ବେହରଣ ଦ୍ୱାର ଖୁଲାଯିବାର୍ ସହେତେ ଶ୍ରୀମନ୍ଦିର୍‌ନୁ ଶ୍ରୀନଅରକେ ରାଜପ୍ରସାଦ ବିଜେ କରାଯାଇଛେ । ଗଲାକାଏଲ୍ ଏକାଦଶୀ ତିଥି ଥି ମହାପ୍ରଭୁଙ୍କର୍ ଖଳିଲାଗି ଆଉ ରକ୍ତବସ୍ତ୍ର ଲାଗି ସହେତେ ବୈଦ୍ୟ ମାନେ ତିଆର୍ କରିଥିବା ଦଶମୂଳ ଉଷୋ ଲାଗି କରାଯାଇଥିଲା । ମହାପ୍ରଭୁ ପୁରା ସୁସ୍ଥ ହେଇଥିବାର୍‌ନୁ ଦଇତାପତି ସେବକ୍‌ମାନେ ଶ୍ରୀନଅର ଯାଇକରି ଗଜପତି ମହାରାଜ୍‌ଙ୍କୁ ଖବର୍ ଦେଇଛନ୍ । ଇ ଅବ୍‌ସରେ ଦଇତାପତିମାନେ ଅନବସର ସମିଆଥି ବାହାରିଥିବା କରାଳ, ଚନ୍ଦନ ଆର୍ ପାଟବସ୍ତ୍ରକେ ଗଜପତି ମହାରାଜଙ୍କୁ ଦେଇଛନ୍ ।

ଇଗ୍ନୋ ନାଁଲେଖା ଆର୍‌ଏନ୍‌ୟୁ / ସମ୍ବଲପୁର

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ - ଇଗ୍ନୋଥି ଚଲ୍‌ତି ବଛର୍ ନାଁଲେଖା ସମିଆ ବଢ଼ାଯାଇଛେ । ଆଘୋନୁ ଆବେଦନ୍‌ର ଶେଷ୍ ତାରିଖ୍ ଜୁନ୍ ୩୦ ତାରିଖ୍‌ତକ୍ ଥିବାର୍ ବେଳେ ଇଟାକେ ଆଏବା ୧୫ ତାରିଖ୍‌ତକ୍ ବଢ଼ାଯାଇଛେ ।

ଆଶାୟୀ ଛାତ୍ରଛାତ୍ରୀମାନେ ଇଗ୍ନୋ ୱେବ୍‌ସାଇଟ୍‌କେ ଯାଇକରି ନାଁଲେଖା ଲାଗି ଆବେଦନ୍ କରିପାର୍‌ବେ । ଇଥି ସ୍ନାତକ, ସ୍ନାତକୋତର୍, ସ୍ନାତକୋତର୍ ଡିପ୍ଲୋମା ଆର୍ ସାର୍ଟିଫିକେଟ୍ ପ୍ରୋଗ୍ରାମ୍‌ର ଭିନ୍ ଭିନ୍ ପାଠ୍ୟକ୍ରମ୍‌ଥି ନାଁଲେଖାଯାଇପାର୍‌ବା । ଚଲତି ବଛର୍ ୫ ଟା ଏମ୍‌ଏସ୍‌ସି ଆର୍ ଗୁଟେ ବିଏସ୍‌ସି ବିଭାଗ୍ ଖୁଲାଯାଇଛେ । ସ୍ନାତକ ପଢ଼୍‌ବାର୍ ଲାଗି ଅନୁସୂଚିତ ଜାତି ଆଉ ଜନଜାତି ପିଲାମାନ୍‌କର୍ ନାଁଲେଖା ଆର୍ ଫେରଘାଏ ପଞ୍ଜିକରଣ୍ କରୁଥିବା ଫି’କେ ଛାଡ଼୍ କରାଯାଇଛେ ।

ଜିକା ଭାଇରସ୍ ପି.ଆଇ.ବି.

କେନ୍ଦ୍ର ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଲୟ ତର୍‌ଫୁ ଜିକା ଭାଇରସ୍‌କେ ନେଇକରି ସତର୍କ ରହେବାର୍‌କେ ସବୁ ରାଜ୍ୟ ମାନ୍‌କୁ ନିର୍ଦ୍ଦେଶାବଲୀ ଜାରି କରାଯାଇଛେ । ଇଭିତ୍‌ରେ ମହାରାଷ୍ଟ୍ରେ ନ ଜିକା ଭାଇରସ୍‌ଥି ୮ ଝନ୍ ଆକ୍ରାନ୍ତ ହେଇଛନ୍ । ଇଟାକେ ନଜର୍‌ଥି ରଖିକରି ସବୁ ରାଜ୍ୟକେ ଆଗୁଆ ସତର୍କ ହେବାର୍‌କେ ମନ୍ତ୍ରଣାଲୟ ତର୍‌ଫୁ କୁହାଯାଇଛେ । ଏଡିସ୍ ମଶା ଚାବ୍‌ଲେ ଚିକେନ୍‌ଗୁନିଆ ଆର୍ ଡେଙ୍ଗୁ ବାଗିର୍ ଲୋକ୍‌ମାନେ ଜିକା ଭାଇରସ୍ ଥି ଆକ୍ରାନ୍ତ ହେସନ୍ । ଖାସ୍ କରି ଗର୍ଭବତୀ ମହିଳା ଜିକା ଭାଇରସ୍ ଥି ଆକ୍ରାନ୍ତ ହେଲେ ଗର୍ଭଥି ଥିବା ଛୁଆ ଉପ୍‌ରେ ପ୍ରଭାବ୍ ପଡ଼୍‌ସି । ହେଥିର୍‌ଲାଗି

ଗର୍ଭବତୀ ମହିଳାମାନ୍‌କର୍ ଜିକାଭାଇରସ୍ ପରୀକ୍ଷା କର୍‌ବାର୍‌କେ ମନ୍ତ୍ରଣାଳୟ ତର୍‌ଫୁ ପରାମର୍ଶ ଦିଆଯାଇଛେ । ଇତାର୍‌ସହେତେ ଫି ହସ୍ପିଟାଲ୍‌କେ ଏଡିସ୍ ମଶା ମୁକ୍ତ କର୍‌ବାର୍ ଦିଗେ କାମ୍ କର୍‌ବାର୍ ଲାଗି ଝନେ ନୋଡ଼ାଲ୍ ଅଫିସର୍‌ଙ୍କୁ ନିଯୁକ୍ତ କର୍‌ବାର୍‌କେ ମନ୍ତ୍ରଣାଳୟ ନିର୍ଦ୍ଦେଶ୍ ଦେଇଛେ ।

କଲାହାଣ୍ଡି ପରିବା- ଦୁବାଇ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲାନୁ ୫ କ୍ୱିଂଟାଲ୍ ଭେଁଡ଼ି, ଦେଢ୍ କୁଇଂଟାଲ୍ ପୁଟଲ୍ ଦୁବାଇକେ ପଠାଯାଇଛେ । ଜିଲ୍ଲାର୍ ମଦନ୍‌ପୁର୍ ରାମ୍‌ପୁର୍ ବ୍ଲକ୍ ନ ନାବାର୍ଡ଼ ତର୍‌ଫୁ ହେଇଥିବା ଉତେଇଭେଲି କୃଷକ ଉତ୍ପାଦକ ସଂଗଠନ୍ ଜରିଏ ଇ ପନିପରିବା ଦୁବାଇକେ ରପ୍ତାନୀ କରାଯାଇଛେ । ଇନ ଜନେଇ ଦିଆଯାଇପାରେ ଯେ, ଆଘୋନୁ ଜିଲ୍ଲାନୁ ଦୁବାଇକେ ଆମ୍ ଭିଲ୍ ପଠାଯାଇଥିଲା ।

ବର୍‌ଗଡ୍- ହଲ୍‌ଦୀ ଚାଷ୍ ବରଗଡ଼ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ନ ଇ ବଛର୍ ମସଲା ମିଶନ୍ କାର୍ଯ୍ୟକ୍ରମ୍‌ଥି ହଲ୍‌ଦୀ ଚାଷ୍ କର୍‌ବାର୍ ଲାଗି ଯୋଜ୍‌ନା କରାଯାଇଛେ ।

ଇଥିର୍‌ଲାଗି ଜିଲ୍ଲାର୍ ୧୨ ଟା ବ୍ଲକ୍ ନ ଶହେ ଏକର୍ ହଲ୍‌ଦି ଚାଷ୍ କରାଯିବା । ଚାଷୀମାନ୍‌କୁ ରିହାତି ଦାମ୍‌ଥି ହଲ୍‌ଦି ବିହନ୍ ଯୁଗେଇ ଦିଆଯାଉଛେ । ଝନେ ଚାଷୀ ସବୁନୁ କମ୍ ୨୫ ଡିସ୍‌ମିଲ୍ ଆର୍ ସବୁନୁ ଜହ ୫୦ ଡିସ୍‌ମିଲ୍ ତକ୍ ହଲ୍‌ଦି ଚାଷ୍ କରିପାର୍‌ବେ । ଆଗ୍ରହୀ ଚାଷୀମାନେ ଉଦ୍ୟାନ୍ କୃଷି କାର୍ଯ୍ୟାଳୟ କେ ଆସିକରି ହଲ୍‌ଦି ବିହନ୍ ନେଇପାର୍‌ବେ ବଲି ସହକାରୀ ଉଦ୍ୟାନ୍ କୃଷି ନିର୍ଦ୍ଦେଶକ୍ ଗୋବିନ୍ଦ ଚନ୍ଦ୍ର ପଣ୍ଡା କହିଛନ୍ ।

ସୂଚନା- ଲୋକସମ୍ପର୍କ ବିଭାଗ୍‌ର ଉପନିର୍ଦ୍ଦେଶକ୍ -ବଲାଙ୍ଗିର ଗସ୍ତ ପ୍ରେସ୍ ରିଲିଜ୍

ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ଉପନିର୍ଦ୍ଦେଶକ୍ କଲ୍ୟାଣୀ ଦାସ ବଲାଙ୍ଗିର୍ ଗସ୍ତ୍‌ଥି ଯାଇକରି ଜିଲ୍ଲାର୍ ସୂଚନା ଆଉ ଲୋକସମ୍ପର୍କ କାର୍ଯ୍ୟାଳୟ ଆର୍ ସୂଚନା କେନ୍ଦ୍ର ଆଉ ପାଠାଗାର ନିରୀକ୍ଷଣ କରିଛନ୍ । ଇତାର୍‌ସହେତେ ଜିଲ୍ଲା ସଦର୍ ମହକୁମା ଠାନେ ଥିବା ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀଙ୍କର୍ କାର୍ଯ୍ୟାଳୟ ନ ସବୁ କାମ୍ ବାବ୍‌ଦେ ପଚ୍‌ରେଇକରି ବୁଝିଥିଲେ । ଇ ସମିଆଥି ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ସରୋଜ୍ ସାହୁ ଉପସ୍ଥିତ୍ ଥିଲେ ।

## ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ

ଆର୍ଏନ୍ୟୁ / ସମ୍ବଲପୁର

ଆଏଜ୍ ହେଉଛେ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ୍ । ଫି' ବଛର୍ ଜୁଲାଇ ମାସ ୩ ତାରିଖ୍‌କେ ବିଶ୍ୱସ୍ତର୍‌ଥି ଇ ଦିବସ୍ ପାଲନ୍ କରାଯାଉଛେ । ଇ ଦିବସ୍ ଅବ୍‌ସରେ ପ୍ଲାଷ୍ଟିକ୍ ବେଭାର୍‌ର କୁ ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ଅବଗତ କରାଯିବାର୍ ସହେତେ ପ୍ଲାଷ୍ଟିକ୍ ବେଗ୍ ବର୍ଜନ୍ ଲାଗି ସଚେତନ୍ କରାଯାଏସି । ୨୦୦୨ ମସିହାଥି ବଙ୍ଗଲାଦେଶ୍ ପୁର୍‌ଥିର୍ ପହେଲା ଦେଶ୍ ଭାବେ ପ୍ଲାଷ୍ଟିକ୍ ବେଗ୍‌ର ବେଭାର୍ ନିଷେଧ୍ କରିଥିଲା । ଇତାର୍ ଉତ୍‌ରୁ ଭାରତ୍ ସହେତେ ବହୁତ୍‌ଟେ ଦେଶ୍ ପ୍ଲାଷ୍ଟିକ୍ ବେଗ୍ ଉପ୍‌ରେ ପ୍ରତିବନ୍ଧକ୍ ଲଗେଇଛନ୍ । ଇ ଦିବସ୍ ପାଲନ୍ କର୍‌ବାର୍ ମୁଖ୍ୟ ଉଦ୍ଦେଶ୍ ହେଉଛେ ପ୍ଲାଷ୍ଟିକ୍ ବେଗ୍‌ନୁ ସମାଜ୍‌କେ ଦୂରେଇ ରଖ୍‌ବାର୍ ।

## ପାଣିପାଗ

ଆର୍ଏନ୍ୟୁ / ସମ୍ବଲପୁର

ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଏବା ୮ ତାରିଖ୍ ଆଢ଼େ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର୍ ସମ୍ଭାବନା ରହିଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଭୁବ୍‌ନେଶ୍ୱର୍ ତର୍‌ଫୁ

ମିଲିଥିବା ସୂଚ୍‌ନା ଅନ୍‌ସାରେ ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ରାଏଜେ ବର୍ଷାର୍ ପରିମାଣ୍ ବଢ଼୍‌ବା । ସମୁଦ୍ରଖଁଡ଼ି ଆର୍ ଓଡ଼ିଶାର୍ ଭିତ୍‌ରିଆ ଇଲାକା ନ ଜବର୍ ବର୍ଷା ହେବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ସେଆଡ଼େ ଜୁନ୍ ୧ ତାରିଖ୍‌ନୁ ଗଲାକାଏଲ୍‌ତକ୍ ରାଏଜେ ଶହେ ୬୮ ଦଶ୍‌ମିକ୍ ୮ ମିଲିମିଟର୍ ବର୍ଷା ରେକର୍ଡ଼ ହେଇଛେ । ଇଟା ସ୍ୱାଭାବିକ୍ ବର୍ଷାନୁ ୨୭ ପ୍ରତିଶତ୍ କମ୍ ଆଏ । ରାଜ୍ୟର୍ ୧୧ ଟା ଜିଲ୍ଲା ନ ସ୍ୱାଭାବିକ୍ ବର୍ଷା ହେଇଥିବାର୍ ବେଲେ ୧୭ ଟା ଜିଲ୍ଲା ନ ନିଅଂଟିଆ ବର୍ଷା ହେଇଥିବା ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।